Largest Circulated Odia Daily

SAMBAD

ସମ୍ବାଦ

ସର୍ବାଧିକ ପ୍ରସାରିତ ଓଡିଆ ଦୈନିକ

+2 SC. | KSSC | Vocational | Diploma
MBBS | BDS | Nursing | MBA | MCA
BTech | MTech | Ph.D.
KIIT
www.kiit.org

| ଏକ ସଙ୍ଗେ ପ୍ରକାଶିତ ଓ ପ୍ରସାରିତ | ଅନୁଗୁଳ | ବାଲେଶ୍ୱର | ଭୁବନେଶ୍ୱର | କଟକ | ବ୍ରହ୍ମପୁର | ଜୟପୁର | ରାଉରକେଲା | ସମ୍ବଲପୁର |
|---|---|---|---|---|---|---|---|---|

**କୋରାପୁଟ: ପରବ-୨୦୦୫ର ଶୁଭାରମ୍ଭ ଆଜି , ଗଞ୍ଜାମ ବଡ଼ନଦୀରେ ଭାସି ଯାଇ ୯ ବର୍ଷର ବାଳକର ମୃତ୍ୟୁ, ଓ**

ତାରିଖ : ୧୦/୨୫/୨୦୦୫

- ମୁଖ୍ୟ ପୃଷ୍ଠା
- ଜାତୀୟ ଖବର
- ଆନ୍ତର୍ଜାତିକ ଖବର
- କ୍ରୀଡା ଖବର
- ସଂପାଦକୀୟ
- ମହାନଗର ଖବର
- ସାକ୍ଷାତକାର
- ବିଜ୍ଞାପନ
- ପାଠକୀୟ ମତାମତ
- ସଂସ୍କରଣ ଅଭିଲେଖ
- ଆମ ସଂପର୍କରେ

ପାଣିପାଗ

| ନଗର | ସର୍ବନିମ୍ନ | ସର୍ବୋଚ୍ଚ |
|---|---|---|
| ଭୁବନେଶ୍ୱର | ୨୩.୭ | ୨୮.୨ |
| କଟକ | ୨୪.୦ | ୨୭.୬ |
| ବାଲେଶ୍ୱର | ୨୨.୩ | ୨୬.୨ |
| ଗୋପାଳପୁର | ୨୩.୪ | ୨୯.୩ |
| ଝାରସୁଗୁଡ଼ା | ୨୨.୩ | ୨୭.୭ |

ବିତର୍କ/ମତାମତ ସଂଗ୍ରହ

ରାଜ୍ୟ ପଞ୍ଚାୟତରାଜ ପ୍ରତିନିଧି ନିର୍ବାଚନ ବ୍ୟବସ୍ଥାରୁ ଦୁଇ ସନ୍ତାନ ନୀତି ଉଠାଇ ଦ ଆଯିବା ଉଚିତ କି?


- : ହଁ.....
- : ନାହିଁ.....
- : କହିପାରିବେନି....

Vote

## ପୂର୍ଣ୍ଣ ବିବରଣୀ

- ରାଜଧାନୀର ସୌନ୍ଦର୍ଯ୍ୟ ପାଇଁ ୧୦୦ କୋଟି

ଭୁବନେଶ୍ୱର: ଭୁବନେଶ୍ୱରକୁ ଏକ ସର୍ବାଙ୍ଗ ସୁନ୍ଦର ସହରରେ ପରିଣତ କରିବାପାଇଁ ମହାନଗର ନିଗମ ଏବେ ଯୋଜନା ଆରମ୍ଭ କରିଛି। ଯୋଜନା ମୁତାବକ କାର୍ଯ୍ୟ ହେଲେ ଆଗାମୀ କିଛି ବର୍ଷ ମଧ୍ୟରେ ଏହି ସହରର ଦୃଶ୍ୟପଟ୍ଟରେ ବ୍ୟାପକ ପରିବର୍ତ୍ତନ ହେବ। ଏଥିପାଇଁ ଏକ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କାର୍ଯ୍ୟ ଆରମ୍ଭ ହୋଇଯାଇଥିବା ନିଗମ କମିସନର ସତ୍ୟବ୍ରତ ସାହୁଙ୍କ ଠାରୁ ଜାଣିବାକୁ ମିଳିଛି। ସହରର ମୁଖ୍ୟ ସମସ୍ୟା ନର୍ଦ୍ଦମା ଓ ଜଳ ତଥା କଠିନ ବର୍ଜ୍ୟବସ୍ତୁ ନିଷ୍କାସନ ଏବଂ ପରିଚାଳନା ପାଇଁ ଏହି ଯୋଜନାରେ ମୋଟ ୪୫ କୋଟି ଟଙ୍କା ଖର୍ଚ୍ଚ କରାଯିବାର ଲକ୍ଷ ଧାର୍ଯ୍ୟ କରାଯାଇଛି। ସେହିଭଳି ସହର ମଧ୍ୟସ୍ଥ ମୁଖ୍ୟ ରାସ୍ତା ଗୁଡ଼ିକୁ ଛାଡିଦେଇ ଅନ୍ୟ ଗଳିକନ୍ଦି ରାସ୍ତାଘାଟର ଉନ୍ନତି ନିମନ୍ତେ ୨୦ କୋଟି ଓ ରାସ୍ତା କଡ଼ ଉଜ୍ଜ୍ୱଳ ଅଟାଲୋକ ପାଇଁ ୧୫ କୋଟି ଟଙ୍କା ଖର୍ଚ୍ଚ କରାଯିବାକୁ ଅଟକଳ କରାଯାଇଛି। ସହର ମଧ୍ୟରେ ଥିବା ବସ୍ତିଗୁଡ଼ିକୁ ଉଚ୍ଛେଦ କରାଯିବା ସହ ଏଠାକାର ବାସିନ୍ଦାଙ୍କ ଉପଯୁକ୍ତ ଥଇଥାନକୁ ମଧ୍ୟ ଏଥିରେ ଗୁରୁତ୍ୱ ଦିଆଯାଇଥିବା ଜାଣିବାକୁ ମିଳିଛି। ଏଥିପାଇଁ ୨୦ କୋଟି ଟଙ୍କା ଖର୍ଚ୍ଚ କରାଯିବା ପାଇଁ ଯୋଜନା ରହିଛି। ଜାଣିବାକୁ ମିଳିଛି ଯେ କେନ୍ଦ୍ର ସରକାର ଦେଶର ୭୦ଟି ସହରକୁ ନେଇ ଏକ ଜାତୀୟ ସହରାଞ୍ଚଳ ନବୀକରଣ ଯୋଜନା ଆରମ୍ଭ କରିଛନ୍ତି। ଏଥିରେ ଭୁବନେଶ୍ୱର ସହରକୁ ମଧ୍ୟ ସାମିଲ କରାଯାଇଛି। ଯୋଜନାରେ ସ୍ୱାୟତ୍ତ ଶାସନ ଅନୁଷ୍ଠାନଗଡ଼ିକୁ ଯଥେଷ୍ଟ କ୍ଷମତା ଦିଆଯିବା



**ଭୁବନେଶ୍ୱରର ନାମ ଏବେ ଜାତୀୟ କ୍ରୀଡ଼ା ଜଗତରେ ଚର୍ଚ୍ଚାରେ...କଳିଙ୍ଗ ଷ୍ଟାଡ଼ିୟମ ଓ ସର୍ବଭାରତୀୟ ରେଳବାଇ ଆଥଲେଟିକ ମିଟ୍ ପାଇଁ...। ଉଦ୍‌ଘାଟନ ଦିବସର ସୁନ୍ଦର ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ..।**

ଅନ୍ୟାନ୍ୟ ଖବର

- କୋଡ଼ିଙ୍ଗା: ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଯୁବକଙ୍କୁ ନିର୍ମମ ହତ୍ୟା
- 'ସୂଚନା ଆଇନ ଲୋକାଭିମୁଖି ହେବା ଜରୁରୀ'
- ଡମ୍ଫର ଧକ୍କାରେ ଜଣେ ମୃତ
- ଜାଡ଼କାରେ ସେକ୍ସ ରାକେଟ୍ ସକ୍ରିୟ
- ୫୩ ଲକ୍ଷ ଟଙ୍କାର କୋଠା ଦୁଇ ବର୍ଷରେ ଦଦରା
- ସରକାରୀ ଅବହେଳା: ଟେଣ୍ଡର ହେବାର ୫ ମାସ ପରେ କାର୍ଯ୍ୟ ଆରମ୍ଭ ହୋଇ ପାରୁନାହିଁ
- ମାଲକାନଗିରି ଜିଲ୍ଲାପାଳଙ୍କ ଅଭିନବ ପଦକ୍ଷେପ: ଏଣିକି

ସହ କାର୍ଯ୍ୟ କ୍ଷେତ୍ରର ପରିସୀମାକୁ ମଧ୍ୟ ବୃଦ୍ଧି କରାଯାଇଛି । ଏହା କାର୍ଯ୍ୟକାରୀ ହେଲେ ନିଗମର ଭିତ୍ତିଭୂମିର ମଧ୍ୟ ବ୍ୟାପକ ଉନ୍ନତି ସାଧନ କରାଯାଇପାରିବ । ଉଦାହରଣ ସ୍ୱରୁପ ସହର ମଧ୍ୟରେ ଏବେ ଯେତେ ବିଦ୍ୟୁତ ଲାଇଟ ନିଗମ ଅଧୀନରେ ରହିଛି ଏସବୁ ଗୁଡ଼ିକୁ ମାତ୍ର ୪ ଜଣ କର୍ମଚାରୀ ରକ୍ଷଣାବେକ୍ଷଣ କରୁଛନ୍ତି ଯାହାଫଳରେ କୌଣସି କାର୍ଯ୍ୟ ଠିକ୍ ଭାବେ ହୋଇପାରୁନାହିଁ । ଏଣୁ କେନ୍ଦ୍ର ସରକାରଙ୍କ ଉପରୋକ୍ତ ଯୋଜନା କାର୍ଯ୍ୟକାରୀ ହେଲେ ଏପରି ସମସ୍ୟାର ସମାଧାନ ହେଇପାରିବ ବୋଲି କମିସନ୍ର ଶ୍ରୀ ସାହୁ କହିଛନ୍ତି । କଠିନ ବର୍ଜ୍ୟବସ୍ତୁ ନିଷ୍କାସନ ଏବଂ ପରିଚାଳନା କାର୍ଯ୍ୟକୁ ତିନି ଭାଗରେ ବିଭକ୍ତ କରାଯାଇ, ବର୍ଜ୍ୟବସ୍ତୁରୁ ବିଦ୍ୟୁତଶକ୍ତି ତଥା ଜୈବିକ ସାର ଉତ୍ପାଦନ କରାଯିବାକୁ ଯୋଜନା ରଖାଯାଇଛି । ବସ୍ତିବାସୀ ଥଇଥାନ ଏବଂ ଜବରଦଖଲ ସମସ୍ୟାର ସମାଧାନ ପାଇଁ ଏଥିରେ ବ୍ୟାପକ ବ୍ୟବସ୍ଥା ରହିଛିି । ଉଦାହରଣ ସ୍ୱରୁପ ରାଜଧାନୀ ସହରର ସର୍ବ ବୃହତ ବସ୍ତି ଆଇଆରସି ଭିଲେଜ ଅଞ୍ଚଳରେ ଅବସ୍ଥିତ ସାଲିଆ ସାହିର ସମୁଦାୟ ଅଞ୍ଚଳର ୧୦ ପ୍ରତିଶତ ସ୍ଥାନରେ ସେଠାକାର ଲୋକଙ୍କ ପାଇଁ ପକ୍କା ଫ୍ଲାଟଘର ନିର୍ମାଣ କରାଯାଇ ଯୋଗାଇ ଦିଆଯିବ । ବାକି ସ୍ଥାନରେ ଘର କରାଯାଇ ସାଧାରଣରେ ବିକ୍ରି କରାଯିବ । ଏହିପରି ପର୍ଯ୍ୟାୟକ୍ରମେ ସହରରେ ରହିଥିବ ସମସ୍ତ ବସ୍ତି ଅଞ୍ଚଳ ଲୋକଙ୍କୁ ଥଇଥାନ କରଯାଇ ଏହି ସମସ୍ୟାର ସମାଧାନ କରାଯିବାକୁ ଯୋଜନା ପ୍ରସ୍ତୁତ ହେଉଛି । ୧୦୦ କୋଟି ଟଙ୍କାର ଏହି ଯୋଜନାରେ କେନ୍ଦ୍ରସରକାର ୫ ବର୍ଷ ପାଇଁ ୮୦ କୋଟି ଟଙ୍କା ଅନୁଦାନ ଦେବେ, ରାଜ୍ୟସରକାର ବାକି ୨୦ କୋଟି ଟଙ୍କା ବହନ କରିବେ । ଏହାସହ ବସ୍ ଓ ଟ୍ରକ ଟର୍ମିନାଲ, ଖେଳ ପଡ଼ିଆର ଉନ୍ନତି ସାଧନ, ଡାକ୍ତରଖାନା, କଂସେଇଖାନାର ବିକାଶ, ଗୋଷ୍ଠୀ ଶୌଚାଳୟ ସମେତ ଉତ୍ତମ ପରିବେଶ ସୃଷ୍ଟି କରିବାକୁ ମଧ୍ୟ ନିଗମ ପର୍ଯ୍ୟାୟକ୍ରମେ ପଦକ୍ଷେପ ନେବ । ସହର ମଧ୍ୟରେ ରହିଥିବା ଜାତୀୟ ରାଜପଥରେ ପଳାଶୁଣି ଠାରୁ ଖଣ୍ଡଗିରି ପର୍ଯ୍ୟନ୍ତ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା କରିବା


ଠିକାକାର୍ଯ୍ୟ କରିବେ ମହିଳା
- ଅନୁଗୁଳ ଜିଲ୍ଲା ଶିକ୍ଷା ସହାୟକଙ୍କ ଚେତାବନୀ: ଆଜିଠାରୁ ପଢ଼ା ବନ୍ଦ
- ବିଡ଼ମ୍ବନା: ମୃତ ବ୍ୟକ୍ତିଙ୍କ ନାମରେ ଅନ୍ତ୍ୟୋଦୟ ଚାଉଳ ଉଠାଯାଉଛି!
- ଢେଙ୍କାନାଳ ମହୋତ୍ସବ ୨୫ ତାରିଖକୁ ଘୁଞ୍ଚିଲା
- କମେଣ୍ଟ୍ ମରାରୁ ୧୧ ଗିରଫ, ପ୍ରତିବାଦରେ ବଜାର ବନ୍ଦ
- ସାମାନ୍ୟ ଘଟଣାକୁ ନେଇ ଅଇଁଠାପାଲିରେ ୨ ଗୋଷ୍ଠୀ ମଧ୍ୟରେ ସଂଘର୍ଷ, ୭ ଗିରଫ
- ସରକାରଙ୍କ ପୂଜା ଭେଟି: ବିଲହାଟରେ ମଦ ଦୋକାନ
- ପ୍ରୋତ୍ସାହନ ଅଭାବ: ଗଂଜାମ ଜିଲ୍ଲାରେ କୁଟୀର ଶିଳ୍ପ ପ୍ରତି ବେକାର ଯୁବକ ଯୁବତୀଙ୍କ ଆଗ୍ରହ କମୁଛି
- ବିଜ୍ଞାନମେଳାରେ ଅନୁପସ୍ଥିତ ଶିକ୍ଷକଙ୍କ ଦିନକର ଦରମା ବନ୍ଦ
- ଜଳେଶ୍ୱର ବ୍ଲକ୍ରେ ବନ୍ୟା: ୨୩ ହଜାର ଜଳବନ୍ଦୀ
- ଅସୁସ୍ଥ ମାଇ ହାତୀ ମୃତ
- ଅଗ୍ନିକାଣ୍ଡରେ ୪ ଗୃହପାଳିତ ପଶୁ ଜୀବନ୍ତ ଦଗ୍ଧ, ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ
- 'ଗୋଳମାଳ'ର ହାସ୍ୟକବି ସମ୍ମିଳନୀ ନଭେମ୍ବର ୬ରେ
- ନକଲି କ୍ୟାମେରା, ଗ୍ରାଇଣ୍ଡର ବିକ୍ରି କରୁଥିବା ରାକେଟ ଠାବ: ୪ ଗିରଫ
- 'ଟେଣ୍ଡର ଫିକ୍ସିଂ'ର ସିବିଆଇ ତଦନ୍ତ ଦାବିରେ କଟକରେ ଓଜିପିର ଗଣଧାରଣା ୨୮ରେ
- ବାଙ୍କୀ: ମହିଳାଙ୍କୁ ଯୌତୁକ ନିର୍ଯାତନା ଅଭିଯୋଗରେ ସ୍ୱାମୀ ଗିରଫ
- କେନ୍ଦୁପତ୍ର ବ୍ୟବସାୟ ପ୍ରତି ସରକାରଙ୍କ ଆଭିମୁଖ୍ୟ ବଦଳୁ: ସଂଘ

ପାଇଁ ଜାତୀୟ୍ ରାଜପଥ ବିଭାଗ ଇତି
ମଧ୍ୟରେ ସରକାରଙ୍କୁ ୫୫ ଲକ୍ଷ ଟଙ୍କା ଦେ
ଇଛି । ଏହି କାର୍ଯ୍ୟ ଆସନ୍ତା ମାସେ ଦୁଇ ମାସ
ମଧ୍ୟରେ ଅାରମ୍ଭ କରାଯିବ, ଜାନୁଆରି
ସୁଦ୍ଧା ଏହି କାର୍ଯ୍ୟ ସମାପ୍ତ କରିବାକୁ ଲକ୍ଷ୍ୟ
ଧାର୍ଯ୍ୟ କରାଯାଇଛି । ଉଲ୍ଲେଖଯୋଗ୍ୟ, କେନ୍ଦ୍ର
ସରକାର ଏହି ଯୋଜନାରେ ପ୍ରତି ୫ ବର୍ଷ
ପାଇଁ ସହରର ବିକାଶ ନିମନ୍ତେ
ରାଜ୍ୟସରକାରଙ୍କୁ ଆର୍ଥିକ ଅନୁଦାନ ଦେବେ ।
ଏହାଛଡ଼ା ସରକାରୀ ସ୍ତରରେ ମଧ୍ୟ
ସହରରେ ନୂତନ ଭାବେ ଏକ ଏକକ
ସ୍ୱରେଜ ବ୍ୟବସ୍ଥା କରିବାକୁ ପଦକ୍ଷେପ
ନିଆଯାଉଥିବା ଜଣାପଡିଛି । ଏହି ଯୋଜନାର
ରୂପ ରେଖ ପ୍ରସ୍ତୁତ କରିବାକୁ ଗତକାଲି
ଜାପାନ ବ୍ୟାଙ୍କ ଏକ ପ୍ରତିନିଧି ଦଳ
ଓଡ଼ିଶାରେ ପହଞ୍ଚିଛନ୍ତି । ସେମାନେ
ଭୁବନେଶ୍ୱର ସମେତ ରାଜ୍ୟର ଆଉ ୧୩ଟି
ସହରାଞ୍ଚଳର ସ୍ୱରେଜ୍ ବ୍ୟବସ୍ଥା
ଆଧୁନୀକରଣ ନିମନ୍ତେ ଆର୍ଥିକ ସହାୟତା
ଦେବାକୁ ଆଗ୍ରହୀ ଥିବା ଜଣାପଡ଼ିଛି ।

ପୂର୍ବପୃଷ୍ଠା

Copyright © 2001 orissasambad.com

Site Developed by : www.wayindia.com